ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩୧ ଡିସେମ୍ବର, ୨୦୨୨



## ସଂକ୍ଷେପରେ

### ଡିଭାଇଡରରେ ପିଟିହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

**ପାଣିକୋଇଲି,୩୦।୧୨(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବଡ଼ତ୍ରିଲୋଚନପୁର (ମକୁନ୍ଦବିନ୍ଧା) ନିକଟରେ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରେ ବାଇକ ପିଟି ହୋଇଯିବାରୁ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ପୁରୀ ଜିଲା ପିପିଲି ଅଞ୍ଚଳର ଶକ୍ତି ପ୍ରସାଦ ଦାସ(୨୨) ବୋଲି ଜଣାପଡିଛି। ସେ ପରିବାର ସହ ଯାଜପୁର ରୋଡସ୍ଥିତ ଚୋରଦା ଗ୍ରାମରେ ରହୁଥିଲେ। ଶୁକ୍ରବାର ସକାଳେ ସେ ଏକ ପଲସର ବାଇକ୍ ନଂ.(ଓଡି-୩୪-ଏଫ-୨୯୫୭) ଯୋଗେ ପିପିଲି ଅଭିମୁଖେ ଯାଉଥିଲେ। ଏହି ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ଓ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ୍ ସଭାପତି ଅଶୋକ କୁମାର ଦାସ, ପ୍ରଦୀପ ମାଝି ଓ ବିଜୁ ମାଝି ପ୍ରମୁଖ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି ପାଟ୍ରୋଲିଂ ଭ୍ୟାନ ଯୋଗେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କ ବ୍ୟାଗରେ ଥିବା ସମସ୍ତ କାଗଜାତ ସହ ଏକ କ୍ୟାମେରାକୁ ପାଣିକୋଇଲି ଥାନାରେ ଜିମା ଦିଆଯାଇଛି।

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଯୁବକ ଗିରଫ

**ଧର୍ମଶାଳା,୩୦।୧୨(ଡି.ଏନ.ଏ.):** ଜେନାପୁର ଥାନା ଅଞ୍ଚଳର ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଚଢ଼େଇଧରା ଅଞ୍ଚଳର ସଚିନ ପରିଡ଼ା। ସୂଚନା ମୁତାବକ, ଥାନା ଅଞ୍ଚଳର ସମ୍ପୃକ୍ତ ମହିଳାଙ୍କ ୨୦୧୫ରେ ବିବାହ ହୋଇଥିଲା। ବିବାହର କିଛି ମାସ ପରେ ତାଙ୍କର ସ୍ୱାମୀଙ୍କ ସହିତ ମନୋମାଳିନ୍ୟ ହେବାରୁ ସେ ଆସି ବାପଘରେ ରହୁଥିଲେ। ଏହି ସମୟରେ ସଚିନଙ୍କ ସହିତ ତାଙ୍କର ସମ୍ପର୍କ ଗଢ଼ି ଉଠିଥିଲା। ସଚିନ ଉକ୍ତ ମହିଳାଙ୍କୁ ଚାକିରି କରାଇ ଦେବାକୁ କହି ଭୁବନେଶ୍ୱର ନେଇଥିଲେ। ସେଠାରେ ଏକ ଘରଭଡା ନେଇ ଉଭୟ ରହୁଥିଲେ। ପରେ ଯୁବକ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ମହିଳା ଜଣକ ଗର୍ଭବତୀ ହେବାରୁ ସଚିନ ତାଙ୍କର ୨ ଥର ଗର୍ଭପାତ କରାଇଥିଲେ। ଏବେ ମଧ୍ୟ ମହିଳା ଜଣକ ଗର୍ଭବତୀ ଅଛନ୍ତି। ତେଣୁ ସେ ସଚିନଙ୍କୁ ବିବାହ କରିବାକୁ କହିଥିଲେ। ହେଲେ ଏଥିରେ ସଚିନ ଅମଙ୍ଗ ହୋଇଥିଲେ। ତେଣୁ ମହିଳା ଜଣକ ବାଧହୋଇ ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୯୯/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ୨ ମାସ ପରେ ବି କାମ ଆରମ୍ଭ ହେଲାନି

ଯାଜପୁର ଅଫିସ,୩୦।୧୨

ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଧୀନରେ ଥିବା ଶଙ୍ଖଚିଲା ଠାରୁ ବରେଇ ଭାୟା ତଣ୍ଡରା ରାସ୍ତା ଅତି ଶୋଚନୀୟ ହୋଇ ପଡିଛି। ଏହାର ମରାମତି କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଏକାଧିକ ଥର ଦାବି କରିବା ପରେ ୨୦୨୨-୨୩ରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା(ଏମଏମ୍ଏସ୍ୱାଇ) ରାସ୍ତାର ଉନ୍ନତିକରଣ ପାଇଁ ସାମିଲ କରାଯାଇଛି। ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର ପ୍ରଦୀପ୍ତ କୁମାର ରାୟଙ୍କୁ ଏହି ନିର୍ମାଣ ଦାୟିତ୍ୱ ଦିଆଯାଇଛି। ୧୦।୧୦।୨୦୨୨ରେ ଉକ୍ତ ରାସ୍ତା କାମ ଆରମ୍ଭ କରାଯାଇ ୯।୧୦।୨୦୨୩ରେ ସମ୍ପୂର୍ଣ୍ଣ କରିବାକୁ ଠିକାଦାରଙ୍କ ସହ ଚୁକ୍ତି ହୋଇଛି। ହେଲେ କାଯର୍ୟ ଆରମ୍ଭ ନିର୍ଦ୍ଧାରିତ ତାରିଖର ପ୍ରାୟ ୨ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କାମ ଆରମ୍ଭ କରାଯାଇ ନାହିଁ। ତେଣୁ ଗ୍ରାମ୍ୟ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ସମ୍ପୃକ୍ତ ଠିକାଦାରଙ୍କୁ ତାଗିଦ କରିବା ସହ ତୁରନ୍ତ କାମ ଆରମ୍ଭ କରି ନିର୍ଦ୍ଧାରିତ ସମୟ ସୀମାରେ ଶେଷ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାବାଦ୍ ଏହି ଡିଭିଜନ ଅଧୀନରେ ୧୬ଟି ନୂତନ ଏମଏମଏସ୍ୱାଇ ରାସ୍ତା ନିର୍ମାଣ ହାତକୁ ନିଆଯାଇଛି। ସହରାଞ୍ଚଳର ବିକାଶ ସହିତ ଗ୍ରାମାଞ୍ଚଳକୁ ସାମିଲ କରିବା ଉଦ୍ଦେଶ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ଅଗ୍ରାଧିକାର ଦେଇ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ପ୍ରଣୟନ କରିଛନ୍ତି। ତେବେ ବାକି ରହିଥିବା ବସତିଙ୍କ ଉଦ୍ଦେଶ୍ୟରେ ରାଜ୍ୟରେ ୨୦୧୪-୧୫ ବର୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ ହୋଇଛି। ଗ୍ରାମ୍ୟ ରାସ୍ତାକୁ ସୁଦୃଢ ପକ୍କା ଏବଂ ଦୀର୍ଘସ୍ଥାୟୀ ରାସ୍ତା ନିର୍ମାଣ କରିବା ଏହି ଯୋଜନାର ଲକ୍ଷ୍ୟ। ଯାଜପୁର ନିର୍ମାଣ ଡିଭିଜନ ଅଧୀନରେ ୮୫୩.୫୬ କିମି ରାସ୍ତା ଏବଂ ୬୩ଟି ପୋଲ ରହିଛି। ଯାଜପୁର ଜିଲାର ମନୋନୟନ କମିଟି ତରଫରୁ ପଞ୍ଚାୟତ ରାଜ ବିଭାଗର ୨୭ଟି ରାସ୍ତା ଏବଂ ଜଳସେଚନ ବିଭାଗର ୬ଟି ରାସ୍ତା ଗ୍ରାମ୍ୟ ନିର୍ମାଣ ବିଭାଗକୁ ହସ୍ତାନ୍ତରିତ କରିବାକୁ ପ୍ରସ୍ତାବ ରହିଛି। ଏହି କ୍ରମରେ ୫.୭୨୦ କିମି ବିଶିଷ୍ଟ ଶଙ୍ଖଚିଲାଠାରୁ ବରେଇ ଭାୟା ତଣ୍ଡରା ରାସ୍ତା ପାଇଁ ୭ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ହେଲେ ସଂପୃକ୍ତ ଠିକାଦାରଙ୍କ ମନମୁଖି ଏବଂ ଆନ୍ତରିକତାର ଅଭାବ ଯୋଗୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାରେ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ଜଣେ ପ୍ରଭାବଶାଳୀ ରାଜନେତାଙ୍କ ଆଶୀର୍ବାଦ ରହିଥିବାରୁ ଏହି ଠିକାଦାର ଜଣକ ବିଭାଗୀୟ ତାଗିଦକୁ ମଧ୍ୟ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଫଳରେ ଏହି ରାସ୍ତା ଉପରେ ନିର୍ଭରଶୀଳ ପ୍ରାୟ ୧୫ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ତୁରନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ କରିବା ସହ ବ୍ୟୟ ଅଟକଳ ଅନୁସାରେ ସୁଦୃଢ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିରେ ବ୍ୟତିକ୍ରମ ଘଟିଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।


ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

**ଶଙ୍ଖଚିଲା-ବରେଇ ଏମ୍ଏମ୍ଏସ୍ୱାଇ ରାସ୍ତା**
- ତୁରନ୍ତ କାମ କରିବାକୁ ନିର୍ବାହୀ ଯନ୍ତ୍ରୀଙ୍କ ତାଗିଦ
- ଠିକାଦାରଙ୍କ ମନମାନି, ତାଗିଦକୁ ଅଣଦେଖା

# ଅଧିକାରୀଙ୍କ ଅନୁପସ୍ଥିତି ନେଇ ଉଦ୍‌ବେଗ



ବୈଠକରେ ଉପସ୍ଥିତ ବିଧାୟକ, ପ୍ରଶାସନିକ ଅଧିକାରୀ, ପୋଲିସ ଓ ଅନ୍ୟମାନେ।

## ଓଳାଶୁଣୀ ମେଳା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୩୦।୧୨(ଡ଼ି.ଏନ୍.ଏ/ସ୍ୱ.ପ୍ର)

ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ବ୍ରହ୍ମଲୀନ ଦିବସ ଆସନ୍ତା ଜାନୁୟାରୀ ୧୮ରେ ପଡ଼ିବ। ସେହିଦିନଠାରୁ ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫାମେଳା ଆରମ୍ଭ ହେବ। ମାଘମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ମହାପୁରୁଷଙ୍କର ବ୍ରହ୍ମଲୀନ ଦିବସ ହୋଇଥିବା ହେତୁ ପରମ୍ପରା ଅନୁଯାୟୀ ସେହିଦିନଠାରୁ ଗୁମ୍ଫା ମେଳା ଆରମ୍ଭ ହୋଇଥାଏ। ମେଳାରେ ଲକ୍ଷାଧିକ ଲୋକଙ୍କ ସମାବେଶକୁ ଦୃଷ୍ଟିରେ ରଖି ଯାଜପୁର ଜିଲା ପ୍ରଶାସନ ତରଫରୁ ଶୁକ୍ରବାର ଓଳାଶୁଣୀ ପାହାଡ଼ ଶୀର୍ଷ ଦେଶରେ ଥିବା ଗଣେଶ ମଣ୍ଡପ ପରିସରରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ପ୍ରଶାସନିକ ପ୍ରସ୍ତୁତି ବୈଠକ ହୋଇଯାଇଛି। ପ୍ରାରମ୍ଭରେ ଓଳାଶୁଣୀ ମଠର ମହନ୍ତ ଡ. ନାମାନନ୍ଦ ଦାସ ପ୍ରାରମ୍ଭରେ ଆଶୀର୍ବଚନ ପ୍ରଦାନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ୧୮ ତାରିଖରୁ ମେଳା ଆରମ୍ଭ ହୋଇ ୧୦ ଦିନ ଧରି ଚାଲିବ। ସେଥିପାଇଁ ପାନୀୟ ଜଳ, ବିଦ୍ୟୁତ୍, ରାସ୍ତାଘାଟ, ସ୍ୱାସ୍ଥ୍ୟ, ପରିମଳ ଓ ଯାତ୍ରୀଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦେବାକୁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଯେପରି କୌଣସି ବିଶୃଙ୍ଖଳା ନ ହେବ ସେଥିନେଇ ସମସ୍ତେ ସଜାଗ ରହିବାକୁ ଅନୁରୋଧ କରିଥିଲେ।

ତେବେ ସ୍ୱାସ୍ଥ୍ୟ ବିଭାଗ ସମେତ ଅନ୍ୟ କେତେକ ବିଭାଗୀୟ ଅଧିକାରୀ ବୈଠକକୁ ଆସି ନ ଥିବା ନେଇ ଉପସ୍ଥିତ ଲୋକେ ଅଭିଯୋଗ କରିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅତିରିକ୍ତ ଜିଲାପାଳ ମଲ୍ଲିକ ଅନୁପସ୍ଥିତ ଥିବା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଉପଜିଲାପାଳ ଗୋପୀନାଥ କୁଅଁର, ଦର୍ପଣ ତହସିଲଦାର ଶୁଭଦର୍ଶନ ମିଶ୍ର, ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ବାଲିଚନ୍ଦ୍ରପୁର ଥାନାଧିକାରୀ ରମାକାନ୍ତ ମୁଦୁଲି, ଅତିରିକ୍ତ ଜିଲାପାଳ ଗଗନ ବିହାରୀ ଦାସ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ସହକାରୀ ନିର୍ବାହୀ ଯନ୍ତ୍ରୀ କୁଳମଣି ମହାରଣା, ମାହାଙ୍ଗା ସହକାରୀ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ମହାପାତ୍ର, ବନପାଳ ଶଶିକାନ୍ତ ବେହେରା, ଅବକାରୀ ନିରୀକ୍ଷକ ଜୟନ୍ତୀ ଆଚାର୍ଯ୍ୟ, ଅଗ୍ନିଶମ ଅଧିକାରୀ ରମାକାନ୍ତ ମଲ୍ଲିକ, ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ଶକ୍ତି ବିଭାଗ ଅଧିକାରୀ ପ୍ରହଲ୍ଲାଦ ସାହୁ, ଜିଲା ସଂସ୍କୃତି ପରିଷଦର ଶୁଭେନ୍ଦୁ ଭୂୟାଁ, ଶରତ ପ୍ରଧାନ ଓ ରାଜସ୍ୱ ନିରୀକ୍ଷକ ପଦ୍ମନାଭ ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ।

## ବ୍ରାଉନସୁଗାର ଜବତ, ୪ ଯୁବକ ଗିରଫ

ଧର୍ମଶାଳା,୩୦।୧୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ ଜାରକା ଓ ଏହାର ଆଖପାଖ ଅଞ୍ଚଳର ଯୁବକମାନେ ଧଳାଜହର ନିଶାରେ କବଳିତ ହୋଇଥିବା ନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଆସିଛି। ବିଶେଷ କରି ବଡବଡିଆ ଓ ଶିକ୍ଷିତ ପରିବାର ଯୁବକ ଏହି ନିଶାର ଶିକାର ହୋଇ ବିଭିନ୍ନ ସମୟରେ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏଭଳି ନିଶାର ଶିକାର ହୋଇଥିବା ଯୁବଗୋଷ୍ଠୀ ପୋଲିସ ନଜରକୁ ଆସିଥିବା ବେଳେ ସେମାନଙ୍କ କାର୍ଯ୍ୟକଳାପ ଉପରେ ପୋଲିସର ତିକ୍ଷ୍ଣ ନଜର ରହୁଛି। ଏହିକ୍ରମରେ ଶୁକ୍ରବାର ସକାଳେ ୬ ଯୁବକ ଉତ୍ତରଶାସନ ସ୍କୁଲ ନିକଟରେ ବ୍ରାଉନସୁଗାର ସେବନ କରୁଥିବା ଖବର ପାଇ ଜିଲା ସ୍ପେଶାଲ ସ୍କ୍ୱାଡ୍ ଓ ଧର୍ମଶାଳା ପୋଲିସ ପକ୍ଷରୁ ମିଳିତ ଚଢାଉ କରାଯାଇ ୪ ଯୁବକଙ୍କୁ ଗିରଫ କରାଯାଇଛି। ଏଥିସହିତ ସେମାନଙ୍କ ନିକଟରୁ ୪.୭୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଗିରଫ ଯୁବକମାନେ ଏହି ଥାନା ଉତ୍ତରଶାସନ ଗ୍ରାମର ଜଗନ୍ନାଥ ଦାସ, ବିଶ୍ୱଜିତ ବାରିକ, ଦୁବଗାଡିଆ ଗ୍ରାମର ବିଶ୍ୱଜିତ ସାମଲ ଓ ବଡ଼ମଙ୍ଗଳପୁର ଗ୍ରାମର ସତ୍ୟଜିତ ମାହାଲା (୨୩) ବୋଲି ଜଣାଯାଇଛି। ପୋଲିସ ନଂ.୭୧୬/୨୨ରେ ଏକ ମାମଲା ରୁଜୁ କରି ଗିରଫ ଯୁବକଙ୍କୁ ପଚରାଉଚରା ଚଳାଇଛି। ସେମାନଙ୍କୁ ଶନିବାର କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆକାଶ


@ ନିରୂପମା


@ ମଧୁସୂଦନ


@ ରାକେଶ


@ ସତ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଆଲୋଚନାଚକ୍ର, ମାତୃ ସମ୍ମିଳନୀ

ଯାଜପୁର ଟାଉନ,୩୦।୧୨(ଡି.ଏନ.ଏ.)

ଯାଜପୁରର ଶ୍ରୀଗଣେଶ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ମାତୃ ସମ୍ମିଳନୀ, ଆଲୋଚନାଚକ୍ର ଓ ବନବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ତପନ ମହାରଣାଶର୍ମା ସଭାପତିତ୍ୱ କରିଥିଲେ। ଶିକ୍ଷାବିତ କାମେଶ୍ୱର ପଣ୍ଡା ମୁଖ୍ୟଅତିଥିରୂପେ ଯୋଗଦେଇ ମାତୃମଣ୍ଡଳୀଙ୍କୁ ଶିଶୁଙ୍କ ପ୍ରତି ମା'ମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ପ୍ରଭାତୀ ବେହୁରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୀତା ରାଣୀ ସାହୁ ଧନ୍ୟବାଦ ଦେଇଥିଲେ।

# ଉତ୍କଳ ଶତରୂପା ସାହିତ୍ୟାୟନର ବାର୍ଷିକ ଉତ୍ସବ

ରସୁଲପୁର,୩୦।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରସ୍ଥିତ କୀର୍ତ୍ତି ପ୍ୟାଲେସ ପରିସରରେ ଶୁକ୍ରବାର ଉତ୍କଳ ଶତରୂପା ସାହିତ୍ୟାୟନର ୩ୟ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶତରୂପା ସାହିତ୍ୟାୟନର ସଭାପତି ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାରସ୍ୱତ ସାଧକ ଡ. ରୁଦ୍ର ନାରାୟଣ ପୃଷ୍ଟି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ, ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଚିରଞ୍ଜିତ, ସମ୍ମାନିତ ବକ୍ତା ଓଡ଼ିଶା ଅର୍ଥ ବିଭାଗର ବରିଷ୍ଠ ଅଧିକାରୀ ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ଆନନ୍ଦପୁର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ରମାକାନ୍ତ ନାୟକ, ଅଡ଼ସପୁର ଉଦୟନାଥ କଲେଜର ଅଧ୍ୟାପିକା ଡ. ସ୍ମୃତି ପଟ୍ଟନାୟକ ଓ ଯାଜପୁର ଜିଲା ଲେଖକ ସମ୍ମେଳନର ଉପସଭାପତି ଦୟାନିଧି ନାୟକ ଯୋଗଦେଇ ଅଭିଭାଷଣ ରଖିଥିଲେ। କାର୍ଯ୍ୟକାରୀ ସଦସ୍ୟ ପ୍ରଦୀପ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ପ୍ରହ୍ଲାଦ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଶତରୂପାର ସମ୍ପାଦକ ମନୋଜ କୁମାର ନାୟକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଓ କବି ମେଜର ଡ. ସେକ୍ ଆବୁ ତାହେର, ବେଣୁଧର ସ୍ୱାଇଁ, ଅଜୟ ମହାନ୍ତି, ଶୋଭନା ଜେନା, ବ୍ରଜେଶ୍ୱରୀ ସିଂ, ନିଳିମା ମହାନ୍ତି, ଗୋଲକ ଚନ୍ଦ୍ର ପଲେଇ, ଧରିତ୍ରୀ ଦାସ, ଦଣ୍ଡଧର ନାୟକ, ଲବଙ୍ଗଲତା ପରିଡା, ପ୍ରଦୀପ ସାମଲ, ସନାତନ ମଲ୍ଲିକ ପ୍ରମୁଖଙ୍କୁ ଶତରୂପା ସମ୍ମାନରେ ସମ୍ମାନିତ କରାଯାଇଥିଲା। କାଞ୍ଚନ ସାହୁ, ଗାୟତ୍ରୀ ନାୟକ, ପ୍ରମୋଦିନୀ ନାୟକ, ସରୋଜିନୀ ପତି, ସନ୍ତୋଷ ପାଢ଼ୀ, ସୁରେନ୍ଦ୍ର ବେହେରା, ରବୀନ୍ଦ୍ର ମିଶ୍ର, ମନୋଜ ଶତପଥୀ, କମଳିନୀ ପାଗଡ, ସୀମା ମିଶ୍ର ଓ ରମାକାନ୍ତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସହସମ୍ପାଦିକା ଶ୍ରୀମତୀ ପତି ଧନ୍ୟବାଦ ଦେଇଥିଲେ। ଶତରୂପା ସମ୍ପାଦନାମଣ୍ଡଳୀର ସଦସ୍ୟା ଅଞ୍ଜୁବାଳା ଜେନାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଥମ ଅଧିବେଶନରେ ବ୍ରଜେଶ୍ୱରୀ ସିଂ, ସୁରେନ୍ଦ୍ର ବେହେରା, ମନୋଜ ଶତପଥୀ, ଶ୍ରୀମତୀ ପତିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକାରୀ ସଦସ୍ୟ ରବୀନ୍ଦ୍ର ମିଶ୍ର ବେଦ ପାଠ କରିଥିଲେ। ଜିଲା ପରିଷଦ ସଭ୍ୟ ଶିଶିର ମହାନ୍ତି, ସାମାଜିକ କର୍ମୀ ଅରୁଣ ସାହୁ, ବିନାୟକ ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଶେଷରେ ନୃତ୍ୟ, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।


ବାର୍ଷିକ ଉତ୍ସବ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ସମ୍ମାନିତ ପ୍ରତିଭା।

# 'ଆଇନ ବ୍ୟବସାୟୀ ନୁହେଁ, ଏକ ସେବା'

ଚଣ୍ଡିଖୋଲ,୩୦।୧୨(ଡି.ଏନ୍.ଏ.)

ଯାଜପୁର ଜିଲା ଚଣ୍ଡିଖୋଲ ବିଜୁ କଲ୍ୟାଣ ମଣ୍ଡପଠାରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୧ତମ ବାର୍ଷିକ ଅଧିବେଶନ ସଂଘ ରାଜ୍ୟ ସଭାପତି ଗୋପାଳକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଲୋକାୟୁକ୍ତ ସଦସ୍ୟ ନ୍ୟାୟମୂର୍ତ୍ତି ବିଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଆଇନଜୀବୀ ସ୍ୱାଭିମାନ ସାମାଜିକ ସମ୍ମାନକୁ ଗୁରୁତ୍ୱ ଦେଇ ନିଜର ବୃତ୍ତିକୁ ଜାରି ରଖିବା ଉଚିତ। ମୁଖ୍ୟବକ୍ତା ଭାବେ ନ୍ୟାୟମୂର୍ତ୍ତି ମଦନ ମୋହନ ଦାସ ଯୋଗଦେଇ କେବଳ ପଇସା ପାଇଁ ନୁହେଁ, ସାମାଜିକ ଦାୟିତ୍ୱବୋଧତା, ସାମାଜିକ ସୁରକ୍ଷା, ଗରିବ ଦୁସ୍ଥ ଲୋକଙ୍କ ପାଇଁ ସ୍ୱର ଉଠାଇବାର ଆବଶ୍ୟକତା ରହିଛି। ଓକିଲଙ୍କ ଉପରେ ସମାଜ ବହୁତ କିଛି ଆଶା କରୁଛି। ସମସ୍ତେ ଜାଣନ୍ତି ଓକିଲଙ୍କ ଭୂମିକା। ତେଣୁ ଧୈର୍ଯ୍ୟ ଓ ସାହାସର ସହିତ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଆଇନ ଏକ ବ୍ୟବସାୟ ନୁହେଁ, ଏହା ଏକ ସେବା ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ସଂଘ ରାଜ୍ୟସ୍ତରୀୟ ସମାବେଶ ଆମ ଅଞ୍ଚଳ ଚଣ୍ଡିଖୋଲଠାରେ ଆୟୋଜନ କରିଥିବାରୁ ସେ ସାଧୁବାଦ ଜଣାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ଆଇନଜୀବୀ ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର, ସାଇଦର୍ଶନର ସମ୍ପାଦକ ମନୋରଞ୍ଜନ ମହାପାତ୍ର, ଆଇନଜୀବୀ ମନୋରଞ୍ଜନ ମହାନ୍ତି, ସଂଘ ପ୍ରାକ୍ତନ ସଭାପତି ଶିଶିର ପାଢ଼ୀ, ଉପସଭାପତି ପ୍ରଦୀପ ପଣ୍ଡା, ସଞ୍ଜୟ ଦାସ, ଜ୍ୟୋତିପ୍ରକାଶ ଦାସ, ହାଇକୋର୍ଟ ବାର ଆସୋସିଏଶନ ସଭାପତି କାଳୀପ୍ରସନ୍ନ ମିଶ୍ର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଶରତ ଷଡ଼ଙ୍ଗୀ, ଚଣ୍ଡିଖୋଲ ଓକିଲ ସଂଘ ସମ୍ପାଦକ ପ୍ରକାଶ କୁମାର ଦାଶ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପ୍ରସନ୍ନ ନନ୍ଦଙ୍କ ସଞ୍ଚାଳନରେ ଆହୁତ ସଭାରେ ସମ୍ପାଦକ ସୁଶାନ୍ତ ବରାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଚଣ୍ଡିଖୋଲ କୋର୍ଟ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନା ଦାସ, ମହାତ୍ମା ଗାନ୍ଧୀ ଓ କୋର୍ଟ ସାମ୍ନାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଅତିଥି ମାଲ୍ୟାର୍ପଣ କରିଥିଲେ। ଉତ୍କର୍ଷ ସେବା ନିମନ୍ତେ ଆଇନଜୀବୀ ଡ. ଅହଲି ଚରଣ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ମନୋରଞ୍ଜନ ମହାନ୍ତି, ଧରଣୀଧର ନାୟକ, ବିଜୟ ଦାଶ, ଦିନେଶ ରଏ, ତ୍ରିଲୋଚନ ବରାଳ, ପ୍ରଶାନ୍ତ ସାହୁ, ଶରତ ଷଡଙ୍ଗୀ, ଦେବରାଜ ବେହେରା ଓ ପ୍ରକାଶ ଦାଶ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସଂଘର ସାଧାରଣ ପରିଷଦ ବୈଠକ ଓ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇ ୨ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା।


ଅଧିବେଶନରେ ଅତିଥି ଜଣେ ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଓଡ଼ିଶା ଆଇନଜୀବୀ ସଂଘର ୫୧ତମ ବାର୍ଷିକ ଅଧିବେଶନ**

# ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିଭୋର



କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ।



ମଞ୍ଚରେ 'ସାମନ୍ତ ଚନ୍ଦ୍ରଶେଖର' ନାଟକର ଏକ ଦୃଶ୍ୟ ।

## ଖଣ୍ଡପଡ଼ା ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

**ଖଣ୍ଡପଡା ୩୦।୧୨(ସ୍ୱ.ପ୍ର)**

କଳାବିକାଶ ପରିଷଦ ପକ୍ଷରୁ ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ ପରିସରରେ ୪ ଦିନ ଧରି ଚାଲିଥିବା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶୀତୁଆ ସନ୍ଧ୍ୟାରେ ସମର୍ପଣ ରାଉରକେଲା ପକ୍ଷରୁ ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ ପଠାଣି ସାମନ୍ତ ଚନ୍ଦ୍ର ଶେଖରଙ୍କ ଜୀବନୀ ଉପରେ ଆଧାରିତ ନାଟକ 'ସାମନ୍ତ ଚନ୍ଦ୍ରଶେଖର' ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସମ୍ବଲପୁର ଜିଲା ବରଗଡ଼ର କଳାଜୀବୀ ଗ୍ରୁପର କଳାକାରମାନଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ଏତଦ୍ ବ୍ୟତୀତ ନବରଙ୍ଗୀ, ମୟୂରଭଞ୍ଜର ମାଲଖମ୍ବ ନୃତ୍ୟ ନାଟିକା, ସମ୍ବଲପୁରୀ ନୃତ୍ୟର ତାଳେ ତାଳେ ଦର୍ଶକ ମଞ୍ଚ ତଳେ ଝୁମି ଥିଲେ ।

ଉଦ୍‌ଯାପନୀ ସନ୍ଧ୍ୟାରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟବକ୍ତା ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲାପାଳ ରବୀନ୍ଦ୍ର କୁମାର ସାହୁ, କଳାବିକାଶ ପରିଷଦର ସଭାପତି ପ୍ରଦୀପ୍ତ କିଶୋର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଖଣ୍ଡପଡ଼ା ମହୋତ୍ସବର ଅଧ୍ୟକ୍ଷ ତଥା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଛାତ୍ରୀ ରୁପାଲୀ ସାହୁ ମଞ୍ଚ ସଂଯୋଜନା କରିଥିବା ବେଳେ ମୋନାଲୀ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଖଣ୍ଡପଡ଼ା ଅଞ୍ଚଳର ଲୋକକଳା, ସଂସ୍କୃତି, କଳା ଓ ଭାସ୍କର୍ଯ୍ୟକୁ ନେଇ ନୟାଗଡ଼ ଜିଲାବାସୀ ଗର୍ବ ଅନୁଭବ କରନ୍ତି। ଖଣ୍ଡପଡ଼ା ମହୋତ୍ସବ ଯେତେ ଲୋକାଭିମୁଖୀ ହେବ ଏ ଅଞ୍ଚଳର ଅର୍ଥନୈତିକ ବିକାଶରେ ଏହା ସହାୟକ ହେବ ବୋଲି ଅତିଥିମାନେ କହିଥିଲେ। ମହୋତ୍ସବ କମିଟିର ଆବାହକ ଦୀନବନ୍ଧୁ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କଳା ବିକାଶ ପରିଷଦର ସଭାପତି ପ୍ରଦୀପ୍ତ କିଶୋର ମିଶ୍ର ଓ ଆବାହକ ଦାସ ମହୋତ୍ସବର ସଫଳତାର ଶ୍ରେୟ ଅଗଣିତ ଜନସାଧାରଣ. ଅଞ୍ଚଳବାସୀ, ସ୍ଥାନୀୟ ଓ ଜିଲା ପ୍ରଶାସନିକ ଅଧିକାରୀମାନଙ୍କୁ ପ୍ରଦାନ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଅଞ୍ଚଳବାସୀଙ୍କ ସ୍ନେହ, ଶ୍ରଦ୍ଧାକୁ ପାଥେୟ କରି ପ୍ରତିବର୍ଷ ଏଭଳି ମହୋତ୍ସବର ଆୟୋଜନ କରାଯିବ ବୋଲି ଖଣ୍ଡପଡ଼ା କଳା ବିକାଶ ପରିଷଦର ସଦସ୍ୟମାନେ ଘୋଷଣା କରିଥିଲେ। ମହୋତ୍ସବ ପଡିଆରେ ପ୍ରଥମ କରି ସ୍ଥାନୀତ ସେଲଫି ପଏଣ୍ଟ ନିକଟରେ ଯୁବତୀଯୁବକମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଥଣ୍ଡା ସତ୍ତ୍ୱେ ମଞ୍ଚ ନିକଟରେ ଦର୍ଶକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।



ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

## ଗୁରୁଙ୍କୁ ସମ୍ବର୍ଦ୍ଧିତ କଲେ ଛାତ୍ରୀଛାତ୍ର

**ଶରଣକୁଳ,୩୦।୧୨(ଡି.ଏନ.ଏ.):** ମୋ ସ୍କୁଲ ଯୋଜନା ପାଇଁ ସ୍ଥାନୀୟ ବ୍ରିଟିଶ୍ ଅମଳରେ ସ୍ଥାପିତ ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟର ୧୯୯୦ ମାଟ୍ରିକ୍ ବ୍ୟାଚ ଛାତ୍ରୀଛାତ୍ରଙ୍କ ଗୁରୁବାର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଜିତେନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୫୦ଜଣ ଛାତ୍ରୀଛାତ୍ର ପରିବାର ସମେତ ୨୦୦ ଜଣ ସ୍ଥାନୀୟ ପାନ୍ଥଶାଳାରେ ଉପସ୍ଥିତ ହୋଇଥିଲେ। ନାରାୟଣ ଉଚ୍ଚ ବିଦ୍ୟାଳୟର ତତ୍କାଳୀନ ଶିକ୍ଷକ ବୁଦ୍ଧିମାନ ପ୍ରଧାନ, ଭଗବାନ ମିଶ୍ର, ତ୍ରିନାଥ ସାହୁ, ଦିଲୀପ ବଡପଣ୍ଡା, ପ୍ରଫୁଲ୍ଲ ମହାରଣା, ଶରତ ମିଶ୍ର, ଶିବନାରାୟଣ ପଟ୍ଟନାୟକ, ବୃନ୍ଦାବନ ଆଚାର୍ଯ୍ୟ, ଭଗବାନ ଆଚାର୍ଯ୍ୟ, କୃଷଚନ୍ଦ୍ର ମହାରଣା, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ଯୁଧିଷ୍ଠିର ଜେନା ଯୋଗଦେଇ ଛାତ୍ରୀଛାତ୍ର ତଥା ସେମାନଙ୍କ ପିଲାଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ସେମାନଙ୍କ ଗୁରୁମାନଙ୍କୁ ସମ୍ମାନର ସହ ଉପଢୌକନ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏକତ୍ରିତ ହୋଇଥିବା ଛାତ୍ରୀଛାତ୍ର ପରସ୍ପର ପ୍ରତି ସହଯୋଗ କରିବା ଏବଂ ବିଦ୍ୟାଳୟରେ ହେବାକୁ ଥିବା ରଜତ ଜୟନ୍ତୀ କାର୍ଯ୍ୟକ୍ରମ ଉପରେ ତତ୍କାଳୀନ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଲୋଚନା ହେବା ସଙ୍ଗେ ସଙ୍ଗେ ଦିବଂଗତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ପାଇଁ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ଦୀର୍ଘ ୩୨ବର୍ଷ ପରେ ଦେଖି ଭାବବିହ୍ୱଳ ହୋଇପଡିଥିଲେ। ଏହି କାର୍ଯ୍ୟକ୍ରମରେ ସଦାଶିବ ସାହୁ, ଅଶୋକ ଜେନା, ଭଗବାନ ସାହୁ, ସବ୍ୟସାଚୀ ପାଳ, ଶରତ ଦଳେଇ, ସନ୍ତୋଷ ସାହୁ, ବାଉରୀବନ୍ଧୁ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## କ୍ରିକେଟ୍ ଟୁର୍ନାମେଣ୍ଟ: ନୂଆଗାଁ ଏଫ୍‌ଇସିସି ଟିମ୍ ଚାମ୍ପିୟନ

**ନୂଆଗାଁ, ୩୦।୧୨ (ଡି.ଏନ.ଏ.)**

ନୂଆଗାଁ ବ୍ଲକ କଲେଜ ସମ୍ମୁଖ ପଡିଆରେ ନୂଆଗାଁ ଏଫଇସିସି ଆନୁକୂଲ୍ୟରେ ୧୧ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆଗାଁ ଏଫ୍‌ଇସିସି ଦଳ ଚାମ୍ପିୟନ ହୋଇଛି। ମାଇଛେଳି ପଞ୍ଚାୟତ ଟିମ ସହ ନୂଆଗାଁ ଏଫଇସିସି ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏହି ମ୍ୟାଚରେ ଏଫଇସିସି ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ଏଫଇସିସି ଟିମ୍ ୧୯ ଓଭରରେ ୧୦ ଉଇକେଟ ହରାଇ ୧୬୫ରନ ସଂଗ୍ରହ କରିଥିଲା। ଜବାବରେ ମାଇଛେଳି ଦଳ ନିର୍ଦ୍ଧାରୀତ ୨୦ ଓଭରରେ ୭ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରି ପରାଜୟ ବରଣ କରଥିଲା। ମ୍ୟାଚରେ ଏଫ୍‌ଇସିସି ଦଳର ମନୋଜ କୁମାର ନାୟକ ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ହାସଲ କରିଥିଲେ। ରାମେଶ୍ୱର ସୁପର ମାର୍କେଟର ମାଲିକ ଲକ୍ଷ୍ମୀଧର ପରିଡା ମ୍ୟାଚର ପ୍ରତିଦିନ ଏହି ଟ୍ରଫି ପ୍ରଦାନ କରିଥିବା ଆୟୋଜକ କମିଟି ସୂଚନା ଦେଇଛି। ଫାଇନାଲ ମ୍ୟାଚରେ ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ସହକାରୀ କୃଷି ଅଧିକାରୀ ପୂଜା କହଁର ଓ ଯୋଗାଣ ନିରୀକ୍ଷକ ବି. ହର୍ଷ ଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ନୂଆଗାଁ କପ୍ ୨୦୨୨ର ଉଦ୍‌ଯାପନୀ ଉତ୍ସବ ତଥା ଫାଇନାଲ ମ୍ୟାଚରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୂଆଗଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ଜିଲା ବିଜେଡି ଉପସଭାପତି ଦିଲୀପ କୁମାର ଦଳବେହେରା, ସହକାରୀ କୃଷି ଅଧିକାରୀ କହଁର, ଶକ୍ତି ଭାରତ ଗ୍ୟାସ ବିତରକ ମାଲିକ ଶକ୍ତି ପ୍ରସାଦ ପ୍ରଧାନ, ବ୍ୟବସାୟୀ ସୁଜିତ କୁମାର ପ୍ରଧାନ, ସାମାଜିକ କର୍ମୀ ପ୍ରମୋଦ କୁମାର ପ୍ରଧାନ, ମାଇଛେଳି ସରପଞ୍ଚଙ୍କ ପ୍ରତିନିଧି ଦାଶରଥି ପ୍ରଧାନ, ଗୋଲକ ବିହାରୀ ଗୋଛାୟତ, ନୂଆଗାଁ ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ, ଉଦୟପୁର ସମିତି ସଭ୍ୟଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାପାତ୍ର, ସାଂସଦ ପ୍ରତିନିଧି ବିଜୟ କୁମାର ଶାସମଲ, ନୂଆଗାଁ ସରପଞ୍ଚଙ୍କ ପ୍ରତିନିଧି ପଦ୍ମଲୋଚନ ପ୍ରଧାନ, ପ୍ରକାଶ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ନୂଆଗାଁ ଏଫ୍‌ଇସିସି ଦଳର ଖେଳାଳିମାନେ।

### ଗୋପାଳପୁର ପ୍ରଫୁଲ୍ଲ ବ୍ୟୋମକେଶ ସ୍ମାରକୀ ଫୁଟ୍‌ବଲ୍

## ୨ୟ ସେମି ଫାଇନାଲ: ଫାଇନାଲରେ ଖୋର୍ଦ୍ଧା

**ରଣପୁର, ୩୦।୧୨ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ନିକଟସ୍ଥ ଗୋପାଳପୁର ପ୍ରଫୁଲ୍ଲ ବ୍ୟୋମକେଶ ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତାର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଗୋପାଳପୁର ଓ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ୩ଟି ଗୋଲ ଦେଇ ଫାଇନାଲକୁ ପ୍ରବେଶ କରିଛି। ରେଫାରି ଭାବେ ରାଜକିଶୋର ମହାନ୍ତି, ଜଗନ୍ନାଥ ପରିଡା, ପ୍ରତାପ ମୁଦୁଲି, ସିଂ ପ୍ରସାଦ ସାମନ୍ତ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଆଇନଜୀବୀ ବନମାଳୀ ମହାପାତ୍ର, ସାମାଜିକ କର୍ମୀ କିଶୋର ପଟ୍ଟନାୟକ, ଲିଙ୍ଗରାଜ ନାୟକ, ପ୍ରାଧ୍ୟାପକ ବିଜୟ କୁମାର ଜେନା, ସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ଜଗଦୀଶ ଜେନା, ନୟାଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଜ୍ୟୋତି ରଞ୍ଜନ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଖେଳରେ କ୍ରୀଷ୍ଣା ଦାସ, ଚନ୍ଦନ କୁମାର ସାହୁ, ପୁରୁଲ, କାର୍ତ୍ତିକ, ସିଲୁ ପ୍ରମୁଖ ଶୃଙ୍ଖଳା ରକ୍ଷା କରିଥିଲେ।



ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥିମାନେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଆକାଶ



@ ନିରୁପମା



@ ମଧୁସୂଦନ



@ ରାକେଶ



@ ସତ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ ।
ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପେନ୍‌ସନ ଟଙ୍କାକୁ ଚାହିଁ ଆଖି ବୁଜିଲେ ମହିଳା

**ଖଣ୍ଡପଡ଼ା,୩୦।୧୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ମହିଳା କର୍ମଚାରୀ ବିନୋଦିନୀ ରଥ ୨୦୧୭ ଏପ୍ରିଲରୁ ଅବସର ଗ୍ରହଣ କରିଥିଲେ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ତାଙ୍କର ପେନସନ ଟଙ୍କା ମିଳି ନ ଥିଲା । ଦୀର୍ଘ ୬ବର୍ଷ କାଳ ଏହି ଅର୍ଥ ପାଇବା ଆଶାରେ ଅପେକ୍ଷା କରି ଶେଷରେ ଶୁକ୍ରବାର ଆଖି ବୁଜିଛନ୍ତି। ୫ନଂ. ଜୋନ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀଙ୍କ ଶାଶୁ ସ୍ୱର୍ଗତ ରଥ (୬୪)ଙ୍କ ଘର କଣ୍ଟିଲୋ ପଞ୍ଚାୟତ ଅଧିନ ଛାମୁପାଟଣା ଗ୍ରାମରେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ଏକମାତ୍ର ପୁତ୍ର ଟିଙ୍କିନା ମୁଖାଗ୍ନି ଦେଇଛନ୍ତି।

## ନିଆଁ ଲାଗି ୨ ବଖରା ଭସ୍ମୀଭୂତ

**ଦଶପଲ୍ଲା,୩୦।୧୨(ଡି.ଏନ. ଏ. ):** ଦଶପଲ୍ଲା ବ୍ଲକ ଘୋଲାହାଣ୍ଡି ପଞ୍ଚାୟତର ବାଘୁଆପଶି ଗାଁରେ ବିଳମ୍ବିତ ରାତିରେ ନିଆଁଲାଗି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ୨ ବଖରା ଭସ୍ମୀଭୂତ ହୋଇଯାଇଛି। ଏଥିରେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ଯାଇଛି। ବିଦ୍ୟୁତ୍ ଶର୍ଟସାର୍କିଟ ଯୋଗୁ ନିଆଁ ଲାଗି ଥିବା ଆଶଙ୍କା କରାଯାଉଛି। ଦଶପଲ୍ଲା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ।

## ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରତିଷ୍ଠା ଦିବସ

**ଦଶପଲ୍ଲା, ୩୦।୧୨(ଡି.ଏନ.ଏ.)**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସାତପାଟଣା ପରିସରରେ ଶୁକ୍ରବାର ସଂକଳ୍ପ ସାହିତ୍ୟ ଶୋ ଅନୁଷ୍ଠାନ ପକ୍ଷରୁ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆରମ୍ଭରେ ମହାପୁରୁଷଙ୍କ ଫଟୋ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରଭାତ କୁମାର ସାହୁ, ସମ୍ମାନନୀୟ ଅତିଥି ଭାବେ ସାହିତ୍ୟିକ ଅନ୍ତର୍ଯ୍ୟାମୀ ଭୁୟଁଅ, ସୁରେନ୍ଦ୍ର କୁମାର ମିଶ୍ର ଯୋଗ ଦେଇଥିଲେ। ମଧୁସୂଦନ ଦାଶ, କୃଷ୍ଣଚନ୍ଦ୍ର ଗଜପତି, ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ, ଫକୀର ମୋହନ ସେନାପତି, ଗୌରି ଶଙ୍କର ରାୟ, ଗଙ୍ଗାଧର ମେହେର ପ୍ରଭୃତି ମହାପୁରୁଷଙ୍କ ଯୋଗୁ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ସମ୍ଭବ ହୋଇ ପାରିଥିଲା। ସେମାନଙ୍କ ଯୋଗୁ ୧୯୩୬ ଏପ୍ରିଲ ପହିଲାରେ ଭାଷା ଭିତ୍ତିକ ପ୍ରଥମ ରାଜ୍ୟ ଓଡ଼ିଶା ଗଠିତ ହୋଇପାରିଥିଲା। ସେମାନଙ୍କ ଅବଦାନ ଆମ ପାଇଁ ଗର୍ବ ଓ ଗୌରବ। ସେହି ମହାପୁରୁଷମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ବକ୍ତାମାନେ କହିଥିଲେ। ଅନୁଷ୍ଠାନର ଛାତ୍ରୀ ଅଙ୍କିତା ରାୟ ଏବଂ କିରଣ ପଣ୍ଡା ମହାପୁରୁଷଙ୍କ ଉପରେ ଭାଷଣ ଦେଇ ପ୍ରଶଂସିତ ହୋଇଥିଲେ। ଶେଷରେ ଖବରଦାତା ପ୍ରକାଶ କୁମାର ପାଣି ଧନ୍ୟବାଦ ଦେଇଥିଲେ।



ମଞ୍ଚାସୀନ ଅତିଥିମାନେ।

# ଗାଁ ଗାଁରେ ବେଆଇନ ଦେଶୀ ବନ୍ଧୁକ

- ଯାଉଛି ଜୀବନ, ପୁଣି ହେଉଛନ୍ତି ଆହତ
- ଜବତ କରି ବାହାବା ନେଉଛି ପୋଲିସ
- ବନ୍ଧୁକ, ଗୁଳି କେଉଁଠି ଆସୁଛି ହେଉନି ତଦନ୍ତ

**ନୟାଗଡ଼ ଅଫିସ,୩୦।୧୨**

ନୟାଗଡ଼ ପୋଲିସ ଜିଲାରେ ଗାଁ ଗାଁରେ ବେଆଇନ ଭାବେ ଦେଶୀ ବନ୍ଧୁକ ଅନେକ ଲୋକ ରଖିଛନ୍ତି। ଗାଁ ଗଣ୍ଡଗୋଳ ଓ ବ୍ୟକ୍ତିଗତ ଗଣ୍ଡଗୋଳ ହେଲେ କଥା କହୁଛି ବନ୍ଧୁକ। କେଉଁ ସ୍ଥାନରେ ଜୀବନ ଯାଉଛି ତ ଆଉ କେଉଁଠାରେ ମରୁ ମରୁ କେଇ ଜଣ ବର୍ତ୍ତୀ ଯାଉଛନ୍ତି। ବେଆଇନ ବନ୍ଧୁକ ରଖିବା ନିୟମ ବିରୋଧୀ ହେଲେ ବି ଏହା ଉପରେ ପୋଲିସ ଲଗାମ ଲଗାଇ ପାରୁନି। ନୟାଗଡ଼ ଜିଲାର ବିଭିନ୍ନ ଥାନା ପୋଲିସ ବନ୍ଧୁକ ଓ ଗୁଳି ଜବତ କରି ପ୍ରେସ୍ ମିଟ୍ ଡାକି ବାହାବା ନେଉଛନ୍ତି। ହେଲେ ଜବତ ବନ୍ଧୁକ ଓ ଗୁଳି କେଉଁଠୁ ଆସିଲା, ଏହା କିଏ ଯୋଗାଉଛି, ଏହା ପଛରେ ର୍‍ୟାକେଟ ଅଛି ନାଁ ମାଷ୍ଟର ମାଇଣ୍ଡ କାମ କରୁଛି ସେ ଗୁମର ରହସ୍ୟ ପୁରା ଲୁଚି ଯାଉଛି। ପୁଣି ଜିଲାରେ ବନ୍ଧୁକ ତିଆରି ହେଉଛି ନାଁ ଅନ୍ୟ କେଉଁ ଜିଲାରୁ ଆସୁଛି। ସାଧାରଣରେ ଏପରି ଅନେକ ପ୍ରଶ୍ନ ଉଙ୍କି ମାରୁଥିଲେ ହେଁ ପୋଲିସ ଏ ଦିଗରେ ପୁରା ନୀରବତା ଅବଲମ୍ବନ କରୁଛି। ଜବତ ବନ୍ଧୁକ ଓ ଗୁଳିର ତଦନ୍ତ କରିବାକୁ ପୋଲିସ ପ୍ରାଧାନ୍ୟ ଆଦୌ ଦେଉ ନ ଥିବାରୁ ସାଧାରଣରେ କେବଳ ଅସନ୍ତୋଷ ଓ କ୍ଷୋଭରେ ଅଭିଯୋଗ ଅଟକି ଯାଉଛି। ଏଣୁ ଅପରାଧୀ ଓ ସାଧାରଣ ଲୋକମାନେ ବନ୍ଧୁକକୁ ଖେଳନା କରି ଗୋଟିଏ ପରେ ଗୋଟିଏ ଅପରାଧ କରି ଚାଲିଛନ୍ତି।

ଜିଲାସ୍ତରରେ ଲୋକଙ୍କୁ ଅସ୍ତ୍ରଶସ୍ତ୍ର ରଖିବାକୁ ଲାଇସେନ୍ସ ଦିଆଯାଉଛି। ତେବେ ଲାଇସେନ୍ସ ଧାରି ଗୁଳି କିଣିବା ଓ ଫୁଟାଇବା ସମ୍ପର୍କରେ କିଛି ସୂଚନା ପ୍ରଶାସନ ନିକଟରେ ରହୁନାହିଁ। ପୁଣି ଗାଁ ଗହଳିରେ କେତେଜଣ କମାର ଦେଶୀ ବନ୍ଧୁକ ତିଆରି କରୁଛନ୍ତି। କିଛି ବର୍ଷ ପୂର୍ବେ ରଣପୁରର କମାରଶାଳରୁ ବନ୍ଧୁକ ତିଆରି କରାଯାଉଥିବା ଜଣାପଡିଥିଲା। ପୋଲିସ ଖୋଳତାଡ କରି ଏହାକୁ ଜବତ କରି ଅପରାଧୀଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷେ ଗୋଚାଲାଣକାରୀ ର୍‍ୟାକେଟ, ଗଞ୍ଜେଇ ଚାଲାଣ ବେଳେ ବନ୍ଧୁକ ଜବତ ହେଉଛି। ପୁଣି ଲୁଟ୍, ଚୋରି, ରାହାଜାନ, ଗାଁ ଗଣ୍ଡଗୋଳ, ବ୍ୟକ୍ତିଗତ ଗଣ୍ଡଗୋଳରେ ବନ୍ଧୁକ ଓ ଗୁଳି ଜବତ ହେଉଛି। ଜିଲାର ଅଧିକାଂଶ ଗାଁରେ ଚୋରା ବନ୍ଧୁକ ସାଧାରଣ ଲୋକ ରଖୁଛନ୍ତି। ନିକଟରେ ଡିସେମ୍ବର ୧୯ରେ ଇଟାମାଟି ଥାନା କୃଷ୍ଣପ୍ରସାଦ ଗାଁରେ ଗୁଳିକାଣ୍ଡ ଘଟି ଅନିରୁଦ୍ଧ ନାୟକ (୨୭) ନାମକ ଜଣେ ଆର୍ମି ଟେକ୍ନିକାଲ ଇଞ୍ଜିନିୟରଙ୍କ ମୃତ୍ୟୁ ହୋଇଥିଲା। ଗତ ଜୁନ ୨୧ରେ ଦଶପଲ୍ଲା ଥାନା ପୋଲିସ ଘୋଳାହାଣ୍ଡି ନିକଟ ଭୂଇଁଆଣି ମନ୍ଦିର ନିକଟରୁ ପାଟ୍ରୋଲିଂ କରୁଥିବା ବେଳେ ୨୨.୫୦୦ ଗ୍ରାମ ଗଞ୍ଜେଇ ସହ ଏକ ଦେଶୀ ବନ୍ଧୁକ ଜବତ କରି ୭ ଜଣଙ୍କୁ ଗିରଫ କରିଥିଲା। ତେବେ ଅଭିଯୁକ୍ତମାନେ ବନ୍ଧୁକ କେଉଁଠୁ ଆଣିଲେ ତା'ର ତଦନ୍ତ ହେଲା ନାହିଁ। ସେହିଭଳି ଅନେକ ସମୟରେ ପୋଲିସ ଭିନ୍ନ ଭିନ୍ନ କ୍ଷେତ୍ରରୁ ଚୋରା ବନ୍ଧୁକ ସହ ଜୀବନ୍ତ ଗୁଳି ଜବତ କରୁଛି। ହେଲେ ଏହାର ଖୋଳତାଡ ନ କରିବା ଏକ ସାଧାରଣ ଘଟଣା ହୋଇଗଲାଣି। ଗଣମାଧ୍ୟମର ପ୍ରତିନିଧିମାନେ ମଧ୍ୟ ଏ ଦିଗରେ କିଛି ନ ପଚାରି ପୋଲିସର ବାହାବାକୁ ପ୍ରଚାର କରିବାରେ ଲାଗି ପଡିଥିବା ଅଭିଯୋଗ ଉଠିଛି। ଏ ନେଇ ମାନବ ଅଧିକାର କର୍ମୀ ଜୟନ୍ତ ଦାଶ କୁହନ୍ତି, ଚୋରା ଗୁଳି ଓ ବନ୍ଧୁକ ଜବତ କରି ପୋଲିସ ବାହାବା ନେଉଛି। ହେଲେ ଏହା କେଉଁଠୁ ଆସିଲା ତଦନ୍ତ କରୁନି କି ସ୍ୱତନ୍ତ୍ର ପଦକ୍ଷେପ ନେଉନାହିଁ। ଏଣୁ ଏ ନେଇ ରାଜ୍ୟ ସରକାରଙ୍କର ଜନଶୁଣାଣି ପୋର୍ଟାଲରେ ଲିଖିତ ଭାବେ ଗତ ଜୁଲାଇ ମାସରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନି। ପୋଲିସ ଜବତ କରୁଥିବା ବନ୍ଧୁକ ଓ ଗୁଳି ଅପରାଧୀ କେଉଁଠୁ ଆଣିଲେ ତା'ର ତଦନ୍ତ କରାଗଲେ ବହୁ ଅପରାଧ କମି ଯାଆନ୍ତା। ସମୟ ଆସିଲାଣି କଥା କଥାକେ ବନ୍ଧୁକରୁ ଗୁଳି ଫୁଟୁଛି। ଆଉ କେତେବେଳେ କିଏ ନିହତ ହେବ କହିବା ମୁସ୍କିଲ। ଆଇନଜୀବୀ ଅମୀୟ ପଟ୍ଟନାୟକ କୁହନ୍ତି, ପୋଲିସ ଜବତ ବନ୍ଧୁକ ଓ ଗୁଳିର ଖୋଳତାଡ କରୁ ନ ଥିବାରୁ ଏହାର ନିର୍ମାଣକାରୀ ଓ ବିକ୍ରୟକାରୀ ଖସି ଯାଉଛନ୍ତି। ପୋଲିସ ଯଦି ଏ ଦିଗରେ ଅଧିକ ଗୁରୁତ୍ୱ ଦିଅନ୍ତା ତେବେ ଅପରାଧୀଙ୍କ ସଂଖ୍ୟା କମନ୍ତା ବୋଲି ଆଶା କରାଯାଉଛି। ଏସ୍‌ପି ଅଲେଖ ଚନ୍ଦ୍ର ପହିଙ୍କୁ ପଚାରିବାରେ ଦେଶୀ ବନ୍ଧୁକ କିଛି କମାର ବି ତିଆରି କରି ଦେଉଛନ୍ତି। ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ ହେଉଛି। ତେବେ ବନ୍ଧୁକ କେଉଁଠି ତିଆରି ହେଉଛି ସୋର୍ସ ମିଳିଲେ ପୋଲିସ ଧରିବାରେ ସୁବିଧା ହୁଅନ୍ତା। ଅନ୍ୟପକ୍ଷେ ବିହାର ହେଉ ବା ଅନ୍ୟ ରାଜ୍ୟରୁ ବନ୍ଧୁକ ଆମ ଜିଲାକୁ ଆସୁନାହିଁ ବୋଲି ସେ କହିଛନ୍ତି।

